

# ଆମ ରାଜ୍ୟର କେତେକ ପ୍ରଧାନ ସ୍ଥାନ

ତୁମେ ଜାଣିଥିବା  ଓ ଦେଖିଥିବା କେତୋଟି ମୁଖ୍ୟ ସହର ବା ଦର୍ଶନୀୟ ସ୍ଥାନର ତାଲିକା କରି ତଳେ ଲେଖ ।

| | ମୁଖ୍ୟ ସହର / ଦର୍ଶନୀୟ ସ୍ଥାନ | ବିଶେଷତ୍ୱ |
|---|---|---|
| ଯେପରି : | ପାରାଦ୍ୱୀପ | ବନ୍ଦର |
| | ____________________ | ____________________ |
| | ____________________ | ____________________ |

ଆମ ରାଜ୍ୟର ବିଭିନ୍ନ ଜିଲାରେ ଅନେକ ସହର ଓ ଦର୍ଶନୀୟ ସ୍ଥାନ ଅଛି । ଆସ ସେଗୁଡ଼ିକ ବିଷୟରେ ଜାଣିବା ।

### କଟକ



କଟକ ଏକ ବଡ଼ ସହର ଓ ଜିଲାର ସଦର ମହକୁମା । ବାରବାଟୀ ଦୁର୍ଗ, କାଠଯୋଡ଼ି ପଥର ବନ୍ଧ, ଓଡ଼ିଶାର ଉଚ୍ଚ ନ୍ୟାୟାଳୟ, ଆକାଶବାଣୀ କେନ୍ଦ୍ର, ଶ୍ରୀ ରାମଚନ୍ଦ୍ରଭଞ୍ଜ ଭେଷଜ ମହାବିଦ୍ୟାଳୟ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର, ଓଡ଼ିଶାର ସର୍ବବୃହତ୍ ଶିକ୍ଷାୟତନ ରେଭେନ୍ସା ବିଶ୍ୱବିଦ୍ୟାଳୟ ଆଦି ଏଠାରେ ଅଛି । ଏହି ସହର ବାଣିଜ୍ୟ ବ୍ୟବସାୟର ପେଣ୍ଠସ୍ଥଳ ଅଟେ । କଟକ ସହର ରୂପା ତାରକସି କାମ ପାଇଁ ଭାରତ ପ୍ରସିଦ୍ଧ ।

### ଭୁବନେଶ୍ୱର



ଆମ ରାଜ୍ୟର ରାଜଧାନୀର ନାମ ଭୁବନେଶ୍ୱର । ଏହା ଖୋର୍ଦ୍ଧା ଜିଲାରେ ଅବସ୍ଥିତ । ଏଠାରେ ଆମ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ କାର୍ଯ୍ୟାଳୟମାନ ଅଛି । ସେଥିମଧ୍ୟରୁ ରାଜଭବନ, ବିଧାନସୌଧ, ସଚିବାଳୟ, ରାଜ୍ୟସଂଗ୍ରାହଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ଦୂରଦର୍ଶନ କେନ୍ଦ୍ର ଆଦି ପ୍ରଧାନ । ଏହି ସହରରେ ଆଞ୍ଚଳିକ ଉଦ୍ଭିଦ ଗବେଷଣାକେନ୍ଦ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ଓ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ଘାଟି ଅଛି । ନନ୍ଦନକାନନଠାରେ ଏକ ଚିଡ଼ିଆ ଖାନା ଓ ଉଦ୍ଭିଦ ଉଦ୍ୟାନ ରହିଅଛି । ଏତଦ୍ ବ୍ୟତୀତ ଲିଙ୍ଗରାଜ ମନ୍ଦିର,



ରାଜାରାଣୀ ମନ୍ଦିର, ଖଣ୍ଡଗିରିରେ ଥିବା ଜୈନମନ୍ଦିର, ଉଦୟଗିରିରେ ଥିବା ହାତୀଗୁମ୍ଫା ଅତି ପ୍ରାଚୀନ। ଧଉଳିଗିରିଠାରେ ଅଶୋକଙ୍କ ଶିଳାଲିପି ଦେଖାଯାଏ। ସେଠାରେ ଥିବା ଶାନ୍ତିସ୍ତୁପ ସତ୍ୟ, ଅହିଂସା, ଶାନ୍ତି ଓ ମୈତ୍ରୀର ବାର୍ତ୍ତା ପ୍ରଚାର କରେ।

## ଖୋର୍ଦ୍ଧା



ଖୋର୍ଦ୍ଧା ଏକ ଇତିହାସ ପ୍ରସିଦ୍ଧ ସହର । ତନ୍ତବୁଣା ଲୁଗା ପାଇଁ ଏହା ପ୍ରସିଦ୍ଧ। ଏଠାରେ ଥିବା ଓଡ଼ିଶାର ଶେଷ ସ୍ୱାଧୀନ ଦୁର୍ଗ, ବରୁଣେଇ ପାହାଡ଼, କାଇ ପଦରର ବାବା ବୋଖାରୀ ଓ ଅତ୍ରିର ଉଷ୍ଣ ପ୍ରସ୍ରବଣ ଦର୍ଶକମାନଙ୍କୁ ଆକୃଷ୍ଟ କରିଥାଏ।

## ବ୍ରହ୍ମପୁର



ବ୍ରହ୍ମପୁର ଓଡ଼ିଶାର ଏକ ବଡ଼ ସହର ଓ ବ୍ୟବସାୟ କେନ୍ଦ୍ର। ଏହି ସହର ଗଞ୍ଜାମ ଜିଲାରେ ଅବସ୍ଥିତ। ପାଟଲୁଗା ଓ ସୁନାରୂପାର ଗହଣା ପାଇଁ ଏହି ସହରଟି ପ୍ରସିଦ୍ଧ। ଏଠାରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଚିକିତ୍ସା ମହାବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଛି। ବ୍ରହ୍ମପୁର ନିକଟରେ ଗୋପାଳପୁର ବନ୍ଦର ମଧ୍ୟ ଅବସ୍ଥିତ ।

## ପୁରୀ




ପୁରୀ ଏକ ତୀର୍ଥସ୍ଥାନ। ଏହା ବଙ୍ଗୋପସାଗର କୂଳରେ ଅବସ୍ଥିତ। ଏଠାରେ ପୃଥିବୀ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଅଛି। ଏଠାକାର ସମୁଦ୍ର ବେଳାଭୂମି ଓ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଦେଖିବାପାଇଁ ଦେଶ ବିଦେଶରୁ ବହୁଯାତ୍ରୀ ଆସିଥାନ୍ତି।

## କୋଣାର୍କ



କୋଣାର୍କ ବଙ୍ଗୋପସାଗର କୂଳରେ ଅବସ୍ଥିତ। ଏଠାରେ ସୂର୍ଯ୍ୟଙ୍କର ମନ୍ଦିର ଅଛି। ଏହି ମନ୍ଦିରର କାରୁକାର୍ଯ୍ୟ ଅତି ସୁନ୍ଦର। ଏହାକୁ ଦେଖିବାକୁ ଦେଶ ବିଦେଶରୁ ବହୁତ ଲୋକ ପ୍ରତିଦିନ ଏଠାକୁ ଆସିଥାନ୍ତି। ଏହା ପୁରୀ ଜିଲାରେ ଅବସ୍ଥିତ।



## ଯାଜପୁର



ଯାଜପୁର ଏକ ବଡ଼ ସହର । ଏଠାରେ ମା' ବିରଜାଙ୍କ ମନ୍ଦିର ଓ ଦଶାଶ୍ୱମେଧ ଘାଟ ଅଛି । ଏହା ବୈତରଣୀ ନଦୀ କୂଳରେ ଅବସ୍ଥିତ ।

## ସମ୍ବଲପୁର



ସମ୍ବଲପୁର ଗୋଟିଏ ବଡ଼ ସହର ଓ ଜିଲାର ସଦର ମହକୁମା ଅଟେ । ମହାନଦୀ କୂଳରେ ଏହି ସହର ଅଛି । ଏଠାରେ ସମଲେଇଙ୍କ ମନ୍ଦିର ଅଛି । ମଠା, ଟସର ଓ ସମ୍ବଲପୁରୀ ଶାଢ଼ୀ ପାଇଁ ଏହି ସହର ପ୍ରସିଦ୍ଧ । ଏଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୀର ସୁରେନ୍ଦ୍ର ସାଏ ଭେଷଜ ମହାବିଦ୍ୟାଳୟ ଅଛି ।

## ରାଉରକେଲା



ରାଉରକେଲା ଏକ ବଡ଼ ସହର । ଏଠାରେ ଇସ୍ପାତ କାରଖାନା, ଜାତୀୟ ବୈଷୟିକ ପ୍ରତିଷ୍ଠାନ, ବେଦବ୍ୟାସ, ହନୁମାନ ବାଟିକା ଅଛି । ଏହି ସହର ସୁନ୍ଦରଗଡ଼ ଜିଲାରେ ଅବସ୍ଥିତ ।

## ତାଳଚେର



ତାଳଚେର ଏକ ବଡ଼ ସହର । ଏଠାରେ କୋଇଲା ଖଣି, ଭାରିଜଳ କାରଖାନା ଓ ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଅଛି । ଏହି ସହର ଅନୁଗୁଳ ଜିଲାରେ ଅବସ୍ଥିତ ।

## ବାରିପଦା



ବାରିପଦା ସହର ବୁଢ଼ାବଳଙ୍ଗ ନଦୀ କୂଳରେ ଅବସ୍ଥିତ । ମଠା ଓ ଟସର ଲୁଗା ପାଇଁ ଏହି ସହର ପ୍ରସିଦ୍ଧ । ଏଠାରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଛି । ଶିମିଳିପାଳ ଜୈବ ମଣ୍ଡଳ ଏହି ସହର ନିକଟରେ ଅବସ୍ଥିତ । ଏହା ମୟୂରଭଞ୍ଜ ଜିଲାର ସଦର ମହକୁମା ।

## ପାରାଦ୍ୱୀପ



ପାରାଦ୍ୱୀପ ଆମ ଦେଶର ବୃହତ୍ ଗଭୀରତମ ବନ୍ଦର। ଏହା ଜଗତସିଂହପୁର ଜିଲାରେ ଅବସ୍ଥିତ। ଏଠାରେ ସାର କାରଖାନା ଅଛି। ପାରାଦ୍ୱୀପ ବନ୍ଦର ବଙ୍ଗୋପସାଗର କୂଳରେ ଅବସ୍ଥିତ।

## ଚାନ୍ଦିପୁର



ଚାନ୍ଦିପୁର ବଙ୍ଗୋପସାଗର କୂଳରେ ଅବସ୍ଥିତ। ଏଠାରେ ଗୋଳାବାରୁଦ କ୍ଷେପଣାସ୍ତ୍ର ଘାଟି ରହିଅଛି। ଏହା ବାଲେଶ୍ୱର ଜିଲାରେ ଅବସ୍ଥିତ।




ଏହିପରି ଆଉ କୌଣସି ମୁଖ୍ୟ ସହର ଓ ଦର୍ଶନୀୟ ସ୍ଥାନ ବିଷୟରେ ତୁମେ ଯଦି ଜାଣିଛ ତେବେ ତାହାର ଏକ ତାଲିକା କରି ତଳେ ଲେଖ।

## ଅଭ୍ୟାସ

୧. କେଉଁ ସ୍ଥାନ କାହିଁକି ପ୍ରସିଦ୍ଧ ତଳେ ଦିଆଯାଇଥିବା ଘରୁ ଖୋଜି ନିଜ ଖାତାରେ ଲେଖ।

| ସ୍ଥାନର ନାମ | ପ୍ରସିଦ୍ଧ |
|---|---|
| ଚାନ୍ଦିପୁର, ପାରାଦ୍ୱୀପ, ଯାଜପୁର, କୋଣାର୍କ, ପୁରୀ, ବ୍ରହ୍ମପୁର, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ବାରିପଦା, ତାଳଚେର, ରାଉରକେଲା, ସମ୍ବଲପୁର | ବନ୍ଦର, କ୍ଷେପଣାସ୍ତ୍ର ଘାଟି, ବିରଜାଙ୍କ ମନ୍ଦିର, ସୂର୍ଯ୍ୟମନ୍ଦିର, ଶ୍ରୀଜଗନ୍ନାଥ ମନ୍ଦିର, ପାଟଲୁଗା ଓ ସୁନା ରୂପାର ଗହଣା, ତନ୍ତବୁଣା ଲୁଗା, ସଚିବାଳୟ ଓ ବିମାନ ଘାଟି, ଓଡ଼ିଶାର ଉଚ୍ଚ ନ୍ୟାୟାଳୟ ଓ ବାରବାଟୀ ଦୁର୍ଗ, ମଠା ଓ ଟସର ଲୁଗା, କୋଇଲା ଖଣି ଓ ସାର କାରଖାନା, ଇସ୍ପାତ ଓ ସାର କାରଖାନା, ସମ୍ବଲପୁରୀ ଶାଢ଼ୀ |



୨. ତୁମେ ଯଦି ସମୁଦ୍ର ଉପକୂଳବର୍ତ୍ତୀ ଜିଲାମାନଙ୍କୁ ଯିବ, ସେଠାରେ କେଉଁ କେଉଁ ପ୍ରଧାନ ସହର ଦେଖିବ ଓ ସେଗୁଡ଼ିକ କାହିଁକି ପ୍ରସିଦ୍ଧ ତଳ କୋଠରୀରେ ଲେଖ ।

| | ଜିଲା | ପ୍ରଧାନ ସହର | କାହିଁକି ପ୍ରସିଦ୍ଧ |
|---|---|---|---|
| ଯେପରି : | ଜଗତସିଂହପୁର | ପାରାଦ୍ୱୀପ | ବନ୍ଦର |

୩. ତୁମ ଜିଲାରେ କେଉଁ କେଉଁ ଦର୍ଶନୀୟ ସ୍ଥାନମାନ ଅଛି ଲେଖ ।

# ଆମ ରାଜ୍ୟର ଗମନାଗମନ ପଥ

ଆମ ରାଜ୍ୟରେ ରେଳପଥ, ସଡ଼କ ପଥ, ଜଳପଥ ଓ ଆକାଶ ପଥରେ ଗମନାଗମନ କରିବାର ସୁବିଧା ରହିଛି । ରେଳପଥରେ ରେଳଗାଡ଼ି, ଆକାଶ ପଥରେ ଉଡ଼ାଜାହାଜ, ଜଳପଥରେ ଡଙ୍ଗା, ଜାହାଜ ଏବଂ ସଡ଼କ ପଥରେ ମଟରଗାଡ଼ି, ବସ୍, କାର, ଅଟୋ, ସାଇକେଲ, ରିକ୍ସା, ଶଗଡ଼ ପ୍ରଭୃତି ସାହାଯ୍ୟରେ ଯିବା ଆସିବା କରାଯାଏ ।

## ରେଳପଥ

ଆମ ରାଜ୍ୟର ମୁଖ୍ୟ ରେଳପଥ କୋଲକାତା ଓ ଚେନ୍ନାଇକୁ ସଂଯୁକ୍ତ କରୁଅଛି । ଏହି ରେଳପଥ ଓଡ଼ିଶାର ପୂର୍ବ ଉପକୂଳରେ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ଦେଇଯାଇଛି । କୋଲକାତା, ମୁମ୍ବାଇକୁ ସଂଯୁକ୍ତ କରୁଥିବା ରେଳପଥ ପଶ୍ଚିମ ଓଡ଼ିଶାର ରାଉରକେଲା, ଝାରସୁଗୁଡ଼ା ଦେଇଯାଇଛି । ତାଛଡ଼ା ଆମର ଅନେକ ଜିଲା ଓ ସହର ଗୁଡ଼ିକ ରେଳପଥ ଦ୍ୱାରା ସଂଯୁକ୍ତ । ପୂର୍ବତଟ ରେଳପଥର ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଅବସ୍ଥିତ ।



## ସଡ଼କ ପଥ

ଆମ ରାଜ୍ୟରେ ଅନେକ ପ୍ରକାର ସଡ଼କ ପଥ ରହିଅଛି । ଏହି ସଡ଼କଗୁଡିକ ମଧ୍ୟରେ ରାଜ୍ୟ ରାଜପଥ ଓ ଜାତୀୟ ରାଜପଥଗୁଡ଼ିକ ପ୍ରଧାନ । ପ୍ରତ୍ୟେକ ଜିଲାର ମୁଖ୍ୟ ସ୍ଥାନଗୁଡ଼ିକୁ ଯେଉଁ ସଡ଼କ ସଂଯୋଗ କରୁଛି, ସେଗୁଡ଼ିକୁ ରାଜ୍ୟ ରାଜପଥ କୁହାଯାଏ । ଦେଶର ବଡ଼ ବଡ଼ ସହରକୁ ଯୋଡୁଥିବା ସଡ଼କକୁ ଜାତୀୟ ରାଜପଥ କୁହାଯାଏ । ଜାତୀୟ ରାଜପଥଗୁଡ଼ିକ ମଧ୍ୟରେ ୫ ନମ୍ବର, ୬ନମ୍ବର, ୪୨ ନମ୍ବର, ୪୩ ନମ୍ବର ଆମ ରାଜ୍ୟ ଦେଇ ଯାଇଅଛି ।

୫ ନମ୍ବର ଜାତୀୟ ରାଜପଥ କୋଲକାତାକୁ ଚେନ୍ନାଇ ସହ ସଂଯୋଗ କରୁଅଛି । ସେହିପରି ୬ ନମ୍ବର ଜାତୀୟ ରାଜପଥ ପଶ୍ଚିମବଙ୍ଗର ଖଡ଼ଗପୁରକୁ ଛତିଶଗଡ଼ର ରାୟପୁର ସହ ସଂଯୋଗ କରୁଅଛି । ୪୨ ନମ୍ବର



ଜାତୀୟ ରାଜପଥ କଟକର ନିର୍ଗୁଣ୍ଡି ଠାରୁ ସମ୍ବଲପୁରକୁ ସଂଯୋଗ କରୁଅଛି । ୪୩ ନମ୍ବର ଜାତୀୟ ରାଜପଥ ଆନ୍ଧ୍ର ପ୍ରଦେଶର ବିଜୟନଗରମ୍ ସହ ଛତିଶଗଡ଼ର ଜଗଦଲପୁରକୁ ସଂଯୋଗ କରିବା ସହିତ ଆମ ରାଜ୍ୟର କେତେକ ପ୍ରଧାନ ସ୍ଥାନ ଦେଇ ଯାଇଅଛି । କୋଲକାତାକୁ ମୁମ୍ବାଇ ସହ ସଂଯୁକ୍ତ କରୁଥିବା ଜାତୀୟ ରାଜପଥ ମଧ୍ୟ ଓଡ଼ିଶା ଦେଇ ଯାଇଛି ।

ସେହିପରି ୫ 'କ' ଜାତୀୟ ରାଜପଥ ପାରାଦ୍ୱୀପ ଓ ଦୈତାରୀକୁ ଚଣ୍ଡୀଖୋଲ ଦେଇ ସଂଯୋଗ କରୁଅଛି । ଏହି ରାଜପଥଗୁଡ଼ିକ ରାଜଧାନୀ ଭୁବନେଶ୍ୱର ସହ ପ୍ରତ୍ୟେକ ଜିଲାର ମୁଖ୍ୟସ୍ଥାନଗୁଡ଼ିକୁ ସଂଯୋଗ କରୁଅଛି । ପ୍ରତି ଗ୍ରାମକୁ ସଂଯୋଗ କରିବା ନିମନ୍ତେ 'ଗ୍ରାମ ସଡ଼କ ଯୋଜନା' କାର୍ଯ୍ୟ ଆରମ୍ଭ କରାଯାଇଅଛି । ଅଧିକାଂଶ ଗାଁରେ ସିମେଣ୍ଟ କଂକ୍ରିଟ ରାସ୍ତା ତିଆରି ହୋଇ ଗମନାଗମନର ସୁବିଧା କରାହୋଇଛି । ଏବେ ସଡ଼କ ପଥଦେଇ ମଟରଗାଡ଼ିରେ ଆମେ ରାଜ୍ୟର ଅଧିକାଂଶ ସ୍ଥାନକୁ ଓ ରାଜ୍ୟ ବାହାରକୁ ସହଜରେ ଯାଇପାରୁଛୁ ।





- ଆସ ମାନଚିତ୍ର ଦେଖି କେଉଁ କେଉଁ ଜାତୀୟ ରାଜପଥ କେଉଁ କେଉଁ ଜିଲା ମଧ୍ୟ ଦେଇ ଯାଇଅଛି ତଳ କୋଠରୀରେ ଲେଖିବା ।

| | ଜାତୀୟ ରାଜପଥର ନାମ | କେଉଁ କେଉଁ ଜିଲା ଦେଇ ଯାଇଅଛି ? |
|---|---|---|
| ଯେପରି | ୫, 'କ' | ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର |
| | | |
| | | |
| | | |

- ନିଜ ଖାତାରେ ଆମ ରାଜ୍ୟର ମାନଚିତ୍ର ଅଙ୍କନ କରି ତୁମ ଘର ପାଖରେ ଥିବା ସଡ଼କ ପଥରୁ ବାହାରି ଭୁବନେଶ୍ୱର ପର୍ଯ୍ୟନ୍ତ ଆସିବାକୁ ସଡ଼କପଥ ଦେଖାଅ ।

## ଆକାଶ ପଥ

ଦୂର ସ୍ଥାନରେ ଶୀଘ୍ର ପହଞ୍ଚିବା ପାଇଁ ଲୋକମାନେ ଉଡ଼ାଜାହାଜରେ ଯିବା ଆସିବା କରନ୍ତି । ଉଡ଼ାଜାହାଜ ଆକାଶର ଏକ ନିର୍ଦ୍ଦିଷ୍ଟ ପଥରେ ଯାଏ । ଏହି ପଥକୁ ଆକାଶ ପଥ କୁହାଯାଏ । ଦେଶର ବଡ଼ ବଡ଼ ସହରକୁ ଆକାଶ ପଥ ଦେଇ ଯିବା ଆସିବା କରିବା ବ୍ୟବସ୍ଥା ରହିଛି । ଭୁବନେଶ୍ୱରରୁ ଦିଲ୍ଲୀ, କୋଲକାତା ପ୍ରଭୃତି ସ୍ଥାନକୁ ଉଡ଼ାଜାହାଜ ଯୋଗେ ଯିବା ଆସିବା କରି ହେଉଛି । ଭୁବନେଶ୍ୱର ଓଡ଼ିଶାର ପ୍ରଧାନ ବିମାନ ବନ୍ଦର । ଏହାର ନାମ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର । ଏହା ବ୍ୟତୀତ ରାଉରକେଲା ଓ ଜୟପୁରଠାରେ ମଧ୍ୟ ଦୁଇଟି ଛୋଟ ବିମାନଘାଟି ରହିଅଛି ।





ଆସ ମାନଚିତ୍ର ଦେଖି ଓଡ଼ିଶାର ବିଭିନ୍ନ ବିମାନଘାଟି କେଉଁ ଜିଲାରେ ଅଛି ତଳ କୋଠରୀରେ ଲେଖିବା ।



## ଜଳପଥ

ଜଳରାଶିରେ ଯା’ଆସ କରିବାପାଇଁ ଏକ ନିର୍ଦ୍ଦିଷ୍ଟ ପଥ ରହିଅଛି । ଏହି ପଥକୁ ଜଳପଥ କୁହାଯାଏ । ସାଧାରଣତଃ ଆମେ ଡଙ୍ଗା, ଲଞ୍ଚ, ଜାହାଜ ଆଦିରେ ଜଳ ପଥରେ ଯାଇଥାଉ ।

ଆମ ରାଜ୍ୟରେ ନଦୀ, କେନାଲ ଓ ହ୍ରଦ ପ୍ରଭୃତି ଜଳପଥ ରୂପେ ବ୍ୟବହୃତ ହୋଇଥାଏ । ବର୍ଷାଦିନେ ନଦୀ ଓ କେନାଲଗୁଡ଼ିକରେ ଯିବା ଆସିବା ଓ ମାଲ ପରିବହନ କରିବା ପାଇଁ ବହୁତ ସୁବିଧା ହୋଇଥାଏ । ଆମ ରାଜ୍ୟର ମାଛଗାଁ, ଅସ୍ତରଙ୍ଗ, ଚାନ୍ଦିପୁର ଓ ଚାନ୍ଦବାଲିରେ ଜଳପଥରେ ଗମନାଗମନର ସୁବିଧା ରହିଅଛି । ଚିଲିକା ହ୍ରଦ ମଧ୍ୟରେ ଥିବା ଛୋଟ ଛୋଟ ସ୍ଥଳଭାଗ ଡଙ୍ଗା ଓ ଲଞ୍ଚରେ ଯିବାଆସିବା କରିହୁଏ । ପାରାଦ୍ୱୀପ ଓ ଗୋପାଳପୁର ବନ୍ଦର ଦେଇ ଜାହାଜରେ ଦେଶ ବିଦେଶକୁ ଜିନିଷ ପତ୍ର ନେବା ଆଣିବା କାର୍ଯ୍ୟ ହୋଇଥାଏ ।



ପାରାଦ୍ୱୀପ ବନ୍ଦର



ବନ୍ଦରରେ କି କି କାର୍ଯ୍ୟ ହେଉଛି, ତା’ର ଏକ ତାଲିକା ପ୍ରସ୍ତୁତ କର ।



# ଅଭ୍ୟାସ

୧. ଏଠାରେ କେତେକ ଯାନର ସଙ୍କେତ ଦିଆଯାଇଛି ଏବଂ ପ୍ରତ୍ୟେକ ଯାନ ପାଖରେ ତା'ର କ୍ରମିକ ସଂଖ୍ୟା ଲେଖାଯାଇଛି । ତଳ ସ୍ଥାନଗୁଡ଼ିକୁ ଯେଉଁ ଯାନରେ ଯାଇହେବ ତା'ର କ୍ରମିକ ସଂଖ୍ୟାକୁ ସେହି ସ୍ଥାନ ପାଖରେ ଲେଖ ।

(କ) ଚାନ୍ଦବାଲିରୁ ପାରାଦ୍ୱୀପ —

(ଖ) ଭୁବନେଶ୍ୱରରୁ ରାଉରକେଲା —

(ଗ) ଭୁବନେଶ୍ୱରରୁ ପାରାଦ୍ୱୀପ —

(ଘ) ଦିଲ୍ଲୀରୁ – କୋଲକାତା —

(ଙ) ଗୋପାଳପୁରରୁ ଅସ୍ତରଙ୍ଗ —

(ଚ) ଢେଙ୍କାନାଳରୁ କଟକ —

(ଛ) ବଲାଙ୍ଗୀରରୁ ଭୁବନେଶ୍ୱର —

(ଜ) ଟିଟିଲାଗଡ଼ରୁ ବରଗଡ଼ —

(ଝ) ପୁରୀରୁ କୋଲ୍‌କାତା —


–୧


–୨


–୩


–୪


–୫

୨. ମାନଚିତ୍ର ଦେଖି କେଉଁ ବନ୍ଦର କେଉଁ ଜିଲାରେ ଅଛି ତଳ କୋଠରୀରେ ଲେଖ ।

| ବନ୍ଦରର ନାମ | ଜିଲାର ନାମ |
| --- | --- |
| | |

୩. (କ) ଆମ ରାଜ୍ୟର ମୁଖ୍ୟ ରେଳପଥର ନାମ କ'ଣ ?

(ଖ) ତୁମ ଗାଁ/ସହର କେଉଁ ପଥ ଦ୍ୱାରା ଅନ୍ୟ ଅଞ୍ଚଳ ସହ ସଂଯୁକ୍ତ ?

୪. ତୁମେ ଯଦି ଦିଲ୍ଲୀ ଦେଖିବାକୁ ଯିବ, ତେବେ କେଉଁ କେଉଁ ପଥ ଦେଇ ତୁମ ଘରଠାରୁ ଯାଇପାରିବ ଲେଖ ।





# ଆଟ୍‌ଲାସ୍ ଓ ମାନଚିତ୍ରର ବ୍ୟବହାର

- ତୁମ ଗ୍ରାମର କେଉଁ ଦିଗରେ କ'ଣ ଅଛି ଲେଖ ।

ପୂର୍ବ ______________________________

ପଶ୍ଚିମ ______________________________

ଉତ୍ତର ______________________________

ଦକ୍ଷିଣ ______________________________

- ତୁମ ଗ୍ରାମର ମାନଚିତ୍ରଟିଏ ଅଙ୍କନ କର ।

(ବିଦ୍ୟାଳୟ, ପଞ୍ଚାୟତ ଅଫିସ୍, ମନ୍ଦିର, ଦୋକାନ, ନଳକୂଅ ଆଦି ଦର୍ଶାଇ ଓ ଦିଗ ନିର୍ଣ୍ଣୟ କରି ପିଲାମାନେ ନିଜ ଗ୍ରାମର ମାନଚିତ୍ର ଅଙ୍କନ କରିବେ ଓ କେଉଁ ଦିଗରେ କ'ଣ ଅଛି ଲେଖିବେ ।)

ତୁମ ବହିରେ ଅନେକ ମାନଚିତ୍ର ରହିଛି । ଏହିପରି ପୃଥିବୀର ବିଭିନ୍ନ ମାନଚିତ୍ରକୁ ଏକାଠି କରି ଏକ ବହି କରାଯାଇଥାଏ । ତାହାକୁ **ଆଟ୍‌ଲାସ** କୁହାଯାଏ । ଏଥିରେ ପୃଥିବୀର ସ୍ଥଳଭାଗ, ଜଳଭାଗ, ମହାଦେଶ, ମହାସାଗର, ବିଭିନ୍ନ ଦେଶର ଭୂମିରୂପ, ଜଳବାୟୁ, ମୃତ୍ତିକା ଓ ଉଦ୍ଭିଦ ପ୍ରଭୃତିର ଅନେକ ଚିତ୍ର ଥାଏ ।

କୌଣସି ଦେଶ ବା ଅଞ୍ଚଳ ବିଷୟରେ ପଢ଼ିବା ବେଳେ ସେହି ସ୍ଥାନର ଚିତ୍ର ମନେ ପକାଇବା ଦରକାର । ସେଥିରୁ ଆମେ ସେହି ଅଞ୍ଚଳ ବା ଦେଶର ଅବସ୍ଥିତି, ଭୂମିରୂପ ଇତ୍ୟାଦି ଜାଣିପାରିବା । ବହି ପଢ଼ିବାକୁ ହେଲେ ବହିର ଭାଷା ଜାଣିବା ଦରକାର । ମାନଚିତ୍ରରେ ତଥ୍ୟଗୁଡ଼ିକ **ଚିହ୍ନ ବା ସଙ୍କେତ ଓ ରଙ୍ଗ** ସାହାଯ୍ୟରେ ଦେଖାଇ ଦିଆଯାଇଥାଏ । ଏହାକୁ **ମାନଚିତ୍ର ଭାଷା** କୁହାଯାଏ । ଆଟ୍‌ଲାସ୍‌ରେ ଦିଆଯାଇଥିବା ମାନଚିତ୍ରକୁ ଦେଖିଲେ ଏ ବିଷୟରେ ଅଧିକ ଜାଣିପାରିବା ।

■ ମାନଚିତ୍ରରେ ଚିହ୍ନିତ ବିଭିନ୍ନ ଭୂମିରୂପର ରଙ୍ଗ

| ଭୂମିରୂପର ନାମ | କେଉଁ ରଙ୍ଗ କ'ଣ ସୂଚନା ଦେଇଥାଏ ? |
|---|---|
| ଉଚ୍ଚଭୂମି | ମାଟିଆ ରଙ୍ଗ |
| ସମତଳ ଭୂମି | ସବୁଜ ରଙ୍ଗ |
| ଜଳଭାଗ | ନୀଳ ରଙ୍ଗ |

ରେଖା ସଙ୍କେତ

- ରାଜ୍ୟର ସୀମାରେଖା
- ରେଳପଥ
- ଜିଲାର ସୀମାରେଖା
- ରାଜପଥ
- ଉପକୂଳ ରେଖା
- ଜଳପଥ
- ସଡ଼କ ପଥ

ଏହାଦ୍ୱାରା କେଉଁ ପଥ କେଉଁ କେଉଁ ପ୍ରଧାନ ସ୍ଥାନଗୁଡ଼ିକୁ ସଂଯୋଗ କରୁଅଛି ତାହା ଅତି ସହଜରେ ଜଣାପଡ଼ିଥାଏ ।

△ □ ▲ ⊠ ○ ◐ ● ✺ ଇତ୍ୟାଦି ଅନେକ ପ୍ରକାର ସଙ୍କେତ ବ୍ୟବହାର କରି ଖଣିଜ ପଦାର୍ଥ, ଫସଲ ଆଦି ମାନଚିତ୍ରରେ ଚିହ୍ନାଇ ହେବ ।



ଏହିପରି ଆମ ରାଜ୍ୟରେ ତୁମେ ଜାଣିଥିବା ଆଉ କେଉଁ ଅଞ୍ଚଳରେ କି କି ଦ୍ରବ୍ୟ ମିଳୁଛି ତା'ର ଏକ ତାଲିକା କର ଓ ମାନଚିତ୍ର ଦେଖି ସେଥିପାଇଁ ବ୍ୟବହାର କରାଯାଉଥିବା ସଙ୍କେତ ଗୁଡ଼ିକ ଲେଖ ।

| ଅଞ୍ଚଳ | ଦ୍ରବ୍ୟ | ସଙ୍କେତ |
|---|---|---|
| | | |
| | | |
| | | |
| | | |
| | | |





# ଅଭ୍ୟାସ

୧. ମାନଚିତ୍ରରୁ କ'ଣ ସବୁ ଜାଣି ହୁଏ ତା'ର ତାଲିକା କର ।

୨. ଖାତାରେ ଓଡ଼ିଶା ଓ ଭାରତ ମାନଚିତ୍ର ଅଙ୍କନ କରି ଦିଗ ନିର୍ଣ୍ଣୟ କର ଓ ଏହାର ଚାରିପଟେ କ'ଣ କ'ଣ ରହିଛି ଲେଖ ଓ ରଙ୍ଗ ଦିଅ ।

୩. ମାନଚିତ୍ରର ଭାଷା କହିଲେ କ'ଣ ବୁଝ ଲେଖ ।

୪. କାହିଁକି ମାନଚିତ୍ର ଅଧ୍ୟୟନ କରାଯାଇଥାଏ ?

୫. ଏଠାରେ ଦିଆଯାଇଥିବା ଭୂମିରୂପ ପାଇଁ କେଉଁ ରଙ୍ଗ ଦିଆଯିବ ତଳ କୋଠରୀରେ ସେହି ରଙ୍ଗଦିଅ ।

**ଉଚ୍ଚଭୂମି** **ସମତଳଭୂମି** **ଜଳଭାଗ**